بِسۡمِ اللّٰہِ الرَّحۡمٰنِ الرَّحِیۡمِ

৫ ଡ଼ିସେମ୍ବର ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ଼୍

# ତବୁକ୍ ଯୁଦ୍ଧର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଊଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଊଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱର[ଅ.ବ] କହିଲେ; ଗତ ଖୁତ୍‌ବାରେ ମୁଁ ହଜରତ କାବ୍ ବିନ୍ ମାଲିକ ଓ ଅନ୍ୟ କେତେକ ସାହାବା ତବୁକ୍ ଯୁଦ୍ଧରେ ସାମିଲ ନହେବାର ତଥା ଏଥିରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ଅସନ୍ତୋଷ (ନାରାଜ) ହେବାର ଚର୍ଚ୍ଚା କରିଥିଲି । ଏଥି ସଂକ୍ରାନ୍ତରେ ହଜରତ ମୁସଲେହ୍ ମଉଦ[ର.ଅ] ଜମାଅତକୁ ଉପଦେଶ ପୂର୍ବକ କହିଛନ୍ତି; ହଦିସ୍ ଗ୍ରନ୍ଥରେ ଉଲ୍ଲେଖ ରହିଛି, ଯେ ତବୁକ୍ ଯୁଦ୍ଧରେ ତିନିଜଣ ବିଶ୍ୱାସକାରୀ ମଧ୍ଯ ସାମିଲ ହୋଇ ନଥିଲେ । ସେଥିପାଇଁ ମହାଭାଗ ସେମାନଙ୍କୁ ବାଛନ୍ଦ କରି ଦେଇଥିଲେ, ଏହି ଦଣ୍ଡ ମିଳିବା ଯୋଗୁଁ ମଦିନାରେ କାହାର ସାହସ ନଥିଲା, ଯେ ସେହି ଦଣ୍ଡିତ ସାହାବାମାନଙ୍କ ସହିତ କଥାବାର୍ତ୍ତା କରିପାରିବ । ହୁଜୁର[ର.ଅ] ଉକ୍ତ ଘଟଣାର ଅଲୋଚନା କରି କୁହନ୍ତି; ଏଠାରେ ଅର୍ଥାତ୍ କାଦିୟାନରେ ତ ମୁଁ ଦେଖିଛି, ଯେ ଯେଉଁ ଲୋକମାନଙ୍କ ସହିତ କଥାବାର୍ତ୍ତା କରିବାକୁ ମନା କରାଯାଏ ଅର୍ଥାତ୍ ଯାହାକୁ ଏପରି (ଅଖରାଜ୍) ଦଣ୍ଡରେ ଦଣ୍ଡିତ କରାଯାଏ, ସେମାନେ ଅହମଦିମାନଙ୍କ ମଧ୍ୟରୁ କାହାରି ଘରକୁ ମଧ୍ଯ ଚାଲିଗଲେ ସେହି ଘରର ଲୋକମାନେ ଶୋଇ ରହିଥା'ନ୍ତି । ଅଥଚ ମଦିନାରେ କୌଣସି କପଟବିଶ୍ୱାସୀ ମଧ୍ଯ ସେପରି ଅପରାଧିଙ୍କ ସହିତ କଥାବାର୍ତ୍ତା କରୁ ନଥିଲେ । ପ୍ରିୟ ହୁଜୁର ଅନୱର[ଅ.ବ] କହିଲେ; ୧୯୩୬ ମସିହାରେ ଯେତେବେଳେ ଏପରି କିଛି ବିଶୃଙ୍ଖଳା ମୁଣ୍ଡ ଟେକିଥିଲା, ଯେଉଁଥି ପାଇଁ ହୁଜୁର[ର.ଅ] ଏପରି ଉକ୍ତି କହିଥିଲେ ।

ହଜରତ ମୁସଲେହ୍ ମଉଦ[ର.ଅ] ଅନ୍ୟ ଏକ ସ୍ଥାନରେ କହିଛନ୍ତି; କାବ୍ ବିନ୍ ମାଲିକ[ର.ଅ]ଙ୍କର ଦୃଷ୍ଟାନ୍ତ କିପରି ଶିକ୍ଷାପ୍ରଦ ମୂଳକ । ସେ ସମସ୍ତ ଯୁଦ୍ଧରେ ହୁଜୁର[ସ.ଅ]ଙ୍କ ସାଥିରେ ସାମିଲ ଥିଲେ, ଏପରିକି ମକ୍କା ବିଜୟ ଅବସରରେ ମଧ୍ଯ ମହାଭାଗଙ୍କ ସହିତ ସାମିଲ ଥିଲେ, କିନ୍ତୁ ତବୁକ୍ ଯୁଦ୍ଧ ସମୟରେ ନିଜ ଅବହେଳା ଯୋଗୁଁ ପଛରେ ରହିଗଲେ । ଫଳତଃ ପୁଣ୍ୟଶ୍ଳୋକ ତାଙ୍କୁ ଏପରି କଠୋର ଦଣ୍ଡରେ ଦଣ୍ଡିତ କରିଥିଲେ । ହଜରତ ମୁସଲେହ୍ ମଉଦ[ର.ଅ] କୁହନ୍ତି; କିନ୍ତୁ ଆଜିକାଲିର ଲୋକମାନଙ୍କୁ ଯଦି କିଛି ପଚରା ଉଚରା କରାଯାଏ ତେବେ ସେମାନେ କହିଥା'ନ୍ତି ଯେ ଆମ ସେବା, ଆମ ବଳିଦାନକୁ ତିଳେ ମାତ୍ର ଖାତିର କରାଗଲା ନାହିଁ, ଆମ ମାନମର୍ଯ୍ୟାଦାର ଟିକିଏ ପରୁଆ କଲେ ନାହିଁ । ଏକଥା ମନେ ରଖିବା ଉଚିତ୍ ଯେ, ବ୍ୟବସ୍ଥା ଭିନ୍ନ ପ୍ରସଙ୍ଗ ଏବଂ କାର୍ଯ୍ୟ କରିବା ଆଉ ଏକ ପ୍ରସଙ୍ଗ । ବ୍ୟବସ୍ଥା ବିଭାଗକୁ ପ୍ରତିଷ୍ଠିତ ରଖିବା ପାଇଁ ଯିଏ ଭୁଲ କରିଥାଏ, ତାହାକୁ ପଚରା ଯାଏ ତେଣିକି ସେ ଯେକେହି ହୁଅନ୍ତୁ ନା କାହିଁକି । ସୁତରାଂ ଈଶ୍ୱରଙ୍କ ଆଦେଶାନୁଯାୟୀ ଧର୍ମ ସକାଶେ ଏପରି ଉଦ୍ୟମ କର ଯେ ଶୈତାନ ମଧ୍ଯ ପଳାୟନ କରିବ । କିନ୍ତୁ ଏଥିପାଇଁ କର ନାହିଁ, ଯେ ତାହା ଦ୍ୱାରା

ତୁମର ପ୍ରଶଂସା କରାଯିବ । ଆଉ କାମ କରି ଏହା ଚିନ୍ତା କର ନାହିଁ, ଯେ ଆମ ଦୋଷତ୍ରୁଟି ସମ୍ବନ୍ଧରେ ଆମକୁ ପଚରା ଉଚରା କରାଯିବ ନାହିଁ । ପୁଣି ଈଶ୍ୱରଙ୍କ ଉପକାର କରିଥିବାର ପରିପ୍ରକାଶ କର ନାହିଁ । ବରଂ ମନ୍ ଓ୍ୱ ଅଜା (ଅର୍ଥାତ୍ କାହାରିକୁ କଷ୍ଟ) ଦିଅନ୍ତି । ଦେଖ ! ସକଳ ମାଧ୍ୟମ ବ୍ୟବହାର କରି ଇସଲାମର ସେବା କର । ଉପକାର କରିଥିବାର ନିଜର ବଡ଼ିମା ବଖାଣ ନାହିଁ, ବରଂ ସେବା କରିଚାଲିବା ଉଚିତ୍ । **କାରଣ ତାହା ହିଁ ଈଶ୍ୱରଙ୍କୁ ପ୍ରସନ୍ନିତ କରିଥାଏ ।**

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ତବୁକ୍ ଯୁଦ୍ଧର ଯାତ୍ରା ଏପରି ବ୍ରହ୍ମଜ୍ଞାନ ସମ୍ପନ୍ନ ଓ ଆଶିଷ ପୂର୍ଣ୍ଣ ପ୍ରମାଣିତ ହେଲା, ଯେ ସମଗ୍ର ଆରବରେ ମୁସଲମାନମାନଙ୍କର ପରାକ୍ରମ ଓ ଭବ୍ୟତା ଖେଳିଗଲା ଏବଂ ସ୍ୱଳ୍ପ ଅବଧିରେ ହିଁ ସମଗ୍ର ଆରବରେ ଇସଲାମର ଧ୍ୱଜା ଉଡିବାକୁ ଲାଗିଲା । ଏହି ପରିପ୍ରେକ୍ଷୀରେ ହଜରତ ମୁସଲେହ୍ ମଉଦ[ର.ଅ] କହିଛନ୍ତି; ତବୁକ୍‌ରୁ ପ୍ରତ୍ୟାବର୍ତ୍ତନ କରିବା ପରେ ତାଇଫ୍‌ବାସୀ ମଧ୍ୟ ହୁଜୁର[ସ.ଅ]ଙ୍କ ଆଜ୍ଞାପାଳନ କରିବା ସ୍ୱୀକାର କରିନେଲେ । ତା'ପରେ ଆରବ ଦେଶର ଭିନ୍ନ ଭିନ୍ନ ଗୋଷ୍ଠୀ ସମୂହ ମଧ୍ୟ କ୍ରମାଗତ ଭାବେ ଆସି ଇସଲାମୀୟ ପ୍ରଶାସନ ଅଧୀନ ହେବାର ଅନୁମତି ମାଗିଲେ ଓ ସମଗ୍ର ଆରବରେ ଇସଲାମର ଧ୍ୱଜା ଲହରେଇବାକୁ ଲାଗିଲା ।

ତବୁକ୍ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ କରିବା ପରେ ଗୋଟିଏ ସରିୟା ମଧ୍ୟ ସଙ୍ଘଟିତ ହୋଇଥିଲା, ଯାହାକୁ ସରିୟା ଖାଲିଦ୍ ବିନ୍ ଓ୍ୱଲିଦ୍ କୁହାଯାଏ । ଯାହାଙ୍କୁ ନଜ୍‌ରାନର ଏକ ଅଂଶ ବନୁ ହାରିସ୍ ଅଭିମୁଖେ ପ୍ରେରଣ କରାଯାଇଥିଲା । ଗୋଟିଏ ବର୍ଣ୍ଣନା ଅନୁଯାୟୀ ଏହି ସରିୟା ରବିଉଲ୍ ଅଓ୍ୱଲ୍ ମାସ ୧୦ହିଜ୍‌ରୀରେ ସଙ୍ଘଟିତ ହୋଇଥିଲା । ହୁଜୁର[ସ.ଅ] ଏହି ଅଭିଯାନରେ ହଜରତ ଖାଲିଦ୍ ବିନ୍ ଓ୍ୱଲିଦ୍[ର.ଅ]ଙ୍କୁ ପ୍ରେରଣ କରିବା ସମୟରେ ଉପଦେଶ ପୂର୍ବକ କହିଲେ; ଉକ୍ତ ସମ୍ପ୍ରଦାୟ ଉପରେ ଆକ୍ରମଣ କରିବା ପୂର୍ବରୁ ସେମାନଙ୍କୁ ତିନିଥର ଇସଲାମ ପ୍ରତି ଡ଼ାକରା ଦେବ, ଯଦି ସେମାନେ ତାହାକୁ ଗ୍ରହଣ ନକଲେ ତେବେ ତାଙ୍କ ସହିତ ଯୁଦ୍ଧ କରିବ । ହଜରତ ଖାଲିଦ୍ ବିନ୍ ଓ୍ୱଲିଦ୍[ର.ଅ] ଏହି ଆଦେଶର ପାଳନ କଲେ ଯଦ୍ଦ୍ୱାରା ସେଠାକାର ସମସ୍ତ ଲୋକମାନେ ମୁସଲମାନ ହୋଇଗଲେ । ଅତଃ ହଜରତ ଖାଲିଦ୍ ବିନ୍ ଓ୍ୱଲିଦ୍[ର.ଅ] ଏକ ପତ୍ର ହୁଜୁର[ସ.ଅ]ଙ୍କ ନିକଟକୁ ପ୍ରେରଣ କଲେ, ଯହିଁରେ ଉଲ୍ଲେଖ ଥିଲା ଯେ ପୁଣ୍ୟଶ୍ଳୋକଙ୍କ ନିର୍ଦ୍ଦେଶାନୁଯାୟୀ ଆମେ ଏହି ବସ୍ତିବାସୀନ୍ଦାଙ୍କୁ ଇସଲାମ୍‌ର ସନ୍ଦେଶ ପ୍ରଦାନ କଲୁ ଏବଂ ସେମାନେ ଇସଲାମ ଧର୍ମ ଗ୍ରହଣ କରିନେଲେ । ଏବେ ମୁଁ ଏମାନଙ୍କ ମଧ୍ୟରେ ରହିଛି ଓ ଏହି ଲୋକମାନଙ୍କୁ ଇସଲାମ୍‌ର ଶିକ୍ଷା ତଥା ବୈଧ ଓ ଅବୈଧ ସଂକ୍ରାନ୍ତରେ ଅବଗତ କରାଉଛି । ମହାଭାଗଙ୍କ ପରବର୍ତ୍ତୀ ଆଦେଶ ହସ୍ତଗତ ହେଲେ ତଦନୁରୂପ କାର୍ଯ୍ୟକାରୀ କରାଯିବ । ଏହାର ଉତ୍ତରରେ ହୁଜୁର[ସ.ଅ] ପତ୍ର ଲେଖି ପଠାଇଲେ; ତୁମ ପତ୍ରରୁ ପ୍ରତୀତ ହେଉଛି ଯେ ବନୁ ହାରିସ୍ ଇସଲାମ ଧର୍ମ ଗ୍ରହଣ କରି ନେଇଛି । ଅତଏବ ତୁମେ ସେମାନଙ୍କୁ ସଓ୍ୱାବେ ଇଲାହି (ଈଶ୍ୱରଙ୍କ ପ୍ରତିଫଳ)ର ସୁସମାଚାର ପ୍ରଦାନ କରିଦିଅ ଏବଂ ଅଜାବେ ଇଲାହି (ଈଶ୍ୱରଙ୍କ ଶାସ୍ତି) ସଂକ୍ରାନ୍ତରେ ଭୟଭୀତ କରାଅ, ଆଉ ସେମାନଙ୍କ ମଧ୍ୟରୁ କିଛି ଲୋକଙ୍କୁ ନେଇ ଆମ ନିକଟକୁ ଘେନି ଆସ । ବସ୍ତୁତଃ ହଜରତ ଖାଲିଦ୍ ବିନ୍ ଓ୍ୱଲିଦ୍[ର.ଅ] ସେମାନଙ୍କ ମଧ୍ୟରୁ କିଛି ଲୋକଙ୍କୁ ନେଇ ମହାଭାଗଙ୍କ ସେବାରେ ଉପସ୍ଥିତ ହୋଇଗଲେ ।

ହଜରତ ମୁହମ୍ମଦ[ସ.ଅ] ହଜରତ କୈସ୍ ବିନ୍ ହୁସେନ୍[ର.ଅ]ଙ୍କୁ ବନୁ ହାରିସ୍ ଗୋଷ୍ଠୀ ନିମନ୍ତେ ଅମିର୍ ନିଯୁକ୍ତ କଲେ ଓ ସଓ୍ୱାଲ୍ ଅବା ଜିଲ୍ କାଦାଃ ମାସର ଶେଷ ଭାଗରେ ତାଙ୍କୁ ପଠାଇ ଦେଲେ । ତାଙ୍କ ପ୍ରତ୍ୟାବର୍ତ୍ତନ କରିବାର ଚାରିମାସ ପରେ ପବିତ୍ର ଅବତାରଙ୍କର ନିଧନ ହୋଇଥିଲା । ନବୀଶ୍ରେଷ୍ଠଙ୍କର ଶେଷ ଯୁଦ୍ଧ, ତବୁକ୍ ଯୁଦ୍ଧ ଥିଲା ଓ ଶେଷ ସରିୟା ଯେଉଁ ଅଭିଯାନରେ ମହାଭାଗ ମୁସଲମାନ ସେନାକୁ ପ୍ରେରଣ

କରିଥିଲେ ତାହା ହଜରତ ଉସାମାଙ୍କର ସୈନ୍ୟଦଳ ଥିଲା । ଉସାମାଙ୍କର ସୈନ୍ୟଦଳ ପୂର୍ବରୁ ହୁଜୁର[ସ.ଅ] ଏକ ସୈନ୍ୟଦଳକୁ ପ୍ରେରଣ କରିଥିଲେ । ଏଥି ସମ୍ବନ୍ଧରେ ସହି ବୁଖାରୀରେ ହଜରତ ଅନସ୍[ର.ଅ] ବର୍ଣ୍ଣନା ଉଲ୍ଲେଖ ରହିଛି, ପୁଣ୍ୟଶ୍ଳୋକ ଲୋକମାନଙ୍କୁ ହଜରତ ଜୈଦ୍[ର.ଅ], ହଜରତ ଜାଫର୍[ର.ଅ] ଓ ହଜରତ ଅବ୍ଦୁଲ୍ଲାଃ ବିନ୍ ରଓ୍ୱାଃ[ର.ଅ]ଙ୍କ ଶହିଦ୍ ହେବାର ସୁସମାଚାର ଦେଲେ ଏବଂ ସେତେବେଳେ ମହାଭାଗଙ୍କ ପବିତ୍ର ଚକ୍ଷୁରୁ ଅଶ୍ରୁ ଝରି ପଡୁଥିଲା । ସେଥିଅନ୍ତେ ହୁଜୁର[ସ.ଅ] କହିଲେ; **ପୁନଶ୍ଚ ଅଲ୍ଲାଃଙ୍କ ଖଡ୍‌ଗ ମଧ୍ୟରୁ ଏକ ଖଡ୍‌ଗ ଅର୍ଥାତ୍ ହଜରତ ଖାଲିଦ୍ ବିନ୍ ଓ୍ୱଲିଦ୍[ର.ଅ] ଇସଲାମୀୟ ଧ୍ୱଜାକୁ ଥାମି ନେଲେ ଓ ଐଶ୍ୱର୍ଯ୍ୟମୟ ଅଲ୍ଲାଃ ତାଙ୍କ ହାତରେ ମୁସଲମାନମାନଙ୍କୁ ବିଜୟ ମଣ୍ଡିତ କଲେ ।**

ହଜ୍ଜତୁଲ୍ ଓ୍ୱିଦା (ଶେଷ ହଜ୍)ରୁ ପ୍ରତ୍ୟାବର୍ତ୍ତନ କରି ମହାଭାଗ ଯେତେବେଳେ ମଦିନାରେ ପହଞ୍ଚିଲେ ସେତେବେଳେ ମୁସଲମାନମାନଙ୍କୁ ମଦିନାର ଦକ୍ଷିଣ ପାର୍ଶ୍ୱରୁ କୌଣସି ପ୍ରକାର ଭୟ ନଥିଲା । କିନ୍ତୁ ଉତ୍ତର ପ୍ରାନ୍ତରୁ ରୋମୀମାନଙ୍କର ଭୟ ଲାଗି ରହିଥିଲା । କାରଣ ସେହି ଖ୍ରୀଷ୍ଟଧର୍ମୀମାନେ ନିଜ ଶକ୍ତି ଓ ଶୌର୍ଯ୍ୟ ଉପରେ ସେପର୍ଯ୍ୟନ୍ତ ସୁଦ୍ଧା ଗର୍ବ କରୁଥିଲେ । ତେଣୁ କୌଣସି ସମୟରେ ମଧ୍ୟ ସେମାନଙ୍କ ଆଡୁ ଆକ୍ରମଣର ଆଶଙ୍କା ଲାଗି ରହିଥିଲା । ଏହିପରି ସେପର୍ଯ୍ୟନ୍ତ ମୁସଲମାନମାନଙ୍କ ମନରେ ମୌତା ଯୁଦ୍ଧରେ ଶହିଦ୍‌ମାନଙ୍କ ପ୍ରତିଶୋଧ ନେବା ମଧ୍ୟ ବାକି ଥିଲା । କାରଣ ସେହି ଯୁଦ୍ଧରୁ ହଜରତ ଖାଲିଦ୍ ବିନ୍ ଓ୍ୱଲିଦ୍[ର.ଅ]ଙ୍କ ବୀରତା ଓ ସୁଦକ୍ଷ ରଣନୀତି ଯୋଗୁଁ ମୁସଲମାନ ସେନା ସୁରକ୍ଷିତ ମଦିନା ଫେରି ଆସିବାରେ ସଫଳ ହୋଇଥିଲା । ହଜ୍’ରୁ ଫେରିବାକୁ ହୁଜୁର[ସ.ଅ]ଙ୍କୁ ଏବେ ଅଧିକ ଦିନ ଅତିବାହିତ ହୋଇ ନଥିଲା, ଯେ ମହାଭାଗ ହଜରତ ଉସାମା ବିନ୍ ଜୈଦ୍[ର.ଅ]ଙ୍କ ନେତୃତ୍ୱରେ ଏକ ସୈନ୍ୟଦଳ ସିରିୟା ଉପରେ ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଲେ ।

ସେହି ସୈନ୍ୟଦଳର ପ୍ରସ୍ତୁତି ଯାହାକି ହୁଜୁର[ସ.ଅ]ଙ୍କ ବ୍ୟାଧି ପୂର୍ବରୁ ଆରମ୍ଭ ହୋଇଥିଲା, ତାହା ମହାଭାଗଙ୍କ ଦେହାବସାନର ଦୁଇ ଦିନ ପୂର୍ବରୁ ଅର୍ଥାତ୍ ଶନିବାର ଦିନ ଶେଷ ହୋଇଥିଲା । ମହାଭାଗ ସଫର୍ ମାସର ଶେଷ ପର୍ଯ୍ୟାୟରେ ରୋମୀମାନଙ୍କ ଉପରେ ଆକ୍ରମଣ କରିବାର ଆଦେଶ ଦେଇଥିଲେ । ସେତେବେଳେ ମହାଭାଗ ହଜରତ ଉସାମା[ର.ଅ]ଙ୍କୁ ଡ଼କାଇଲେ ଓ କହିଲେ; ନିଜ ପିତାଙ୍କ ଶହିଦ୍ ହେବା ସ୍ଥଳକୁ ଚାଲିଯାଅ ଓ ସେହି ଶତ୍ରୁମାନଙ୍କୁ ନିପାତ କରିଦିଅ । ମୁଁ ତୁମକୁ ଏହି ସୈନଦଳର ଅମିର୍ ମନୋନୀତ କରିଛି । ସୁତରାଂ ହଜରତ ଉସାମା[ର.ଅ] ପୁଣ୍ୟଶ୍ଳୋକଙ୍କ ପବିତ୍ର ହସ୍ତରେ ପ୍ରସ୍ତୁତ କରାଯାଇଥିବା ଧ୍ୱଜାକୁ ନେଇ ବାହାରିଗଲେ ଓ ତାହାକୁ ହଜରତ ବର୍‌ଦାଃ ବିନ୍ ହସିବ୍[ର.ଅ]ଙ୍କୁ ସମର୍ପି ଦେଲେ ତଥା ଜରଫ୍ ସ୍ଥାନରେ ସେନାବାହିନୀକୁ ଏକତ୍ରିତ କଲେ । ଜରଫ୍ ମଦିନାର ଉତ୍ତର ଦିଗରେ ତିନି ମାଇଲ୍ ଦୂରତାରେ ଅବସ୍ଥିତ ଏକ ସ୍ଥାନ । ପ୍ରବାସକାରୀ ଓ ଅନସାର୍ ଦଳର ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରୁ ପାଖାପାଖି ସଭିଏଁ ଏହି ଦଳରେ ସାମିଲ ଥିଲେ । ଯେପରିକି ହଜରତ ଅବୁବକର୍[ର.ଅ], ହଜରତ ଉମର୍[ର.ଅ] ଇତ୍ୟାଦି । ଏହି ସମସ୍ତ ବିଶିଷ୍ଟ ସାହାବାମାନଙ୍କ ଉପରେ ହଜରତ ଉସାମା[ର.ଅ]ଙ୍କୁ ଅମିର୍ ନିଯୁକ୍ତ କରାଯାଇଥିଲା । ଏଥିରେ ଲୋକମାନେ ଟୁପୁରୁଟାପର ହେବା ଆରମ୍ଭ କରିଦେଲେ ଯେ ଏତେ ବଡ ବଡ ସାହାବାମାନଙ୍କୁ ଜଣେ ବାଳକଙ୍କର ଅଧୀନ କରି ଦିଆଯାଇଛି । ଯେତେବେଳେ ହୁଜୁର[ସ.ଅ]ଙ୍କ ନିକଟରେ ଏହି ଖବର ପହଞ୍ଚିଲା ସେତେବେଳେ ମହାଭାଗ ଅତ୍ୟନ୍ତ ବିତୃଷ୍ଣା ଭାବ ପ୍ରକଟ କଲେ ଓ ମଞ୍ଚ ଉପରକୁ ଆସି ଭାଷଣ ଦେଲେ । **ଯହିଁରେ ହୁଜୁର[ସ.ଅ] ହଜରତ ଉସାମା[ର.ଅ] ଓ ତାଙ୍କ ପିତା ହଜରତ ଜୈଦ୍[ର.ଅ]ଙ୍କର ପ୍ରଶଂସା କଲେ ।**

ଗୋଟିଏ ପାର୍ଶ୍ୱରେ ମହାଭାଗଙ୍କର ବ୍ୟାଧି ବଢି ଚାଲିଥିଲା ଓ ଅନ୍ୟ ପାର୍ଶ୍ୱରେ ହୁଜୁର[ସ.ଅ] ଏହି କଥା ଉପରେ ଜୋର ଦେଉଥିଲେ, ଯେ କୌଣସି ମତେ ଉସାମାଙ୍କ ସେନା ପ୍ରସ୍ଥାନ କରିଯାଉ । ରବିବାର ଦିନ ଉସାମା[ର.ଅ]

ଜରଫ୍ ସ୍ଥାନରୁ ମହାଭାଗଙ୍କୁ ଭେଟିବା ସକାଶେ (ମଦିନାରେ) ଆସି ପହଞ୍ଚିଲେ । ସେତେବେଳେ ମହାଭାଗ କଥାବାର୍ତ୍ତା କରିପାରୁ ନଥିଲେ, **ତଥାପି ହୁଜୁର**ସ.ଅ **ନିଜ ହାତ ଉର୍ଦ୍ଧ୍ୱଗାମୀ କରି ଉସାମାଙ୍କ ମୁଣ୍ଡ ଉପରେ ରଖି ଦେଉଥିଲେ, ଯେପରିକି ମହାଭାଗ ତାଙ୍କ ପାଇଁ ଦୁଆ (ଆଶୀର୍ବାଦ) କରୁଥିଲେ ।** ସୋମବାର ଦିନ ମହାଭାଗଙ୍କ ସ୍ୱାସ୍ଥ୍ୟ ଅବସ୍ଥା କିଂଚିତ ସୁଧୁରି ଯାଇଥିଲା, ଫଳରେ ହୁଜୁରସ.ଅ ଉସାମାଙ୍କୁ ଆଦେଶ ଦେଲେ, ଏବେ ତୁମେ ଅଲ୍ଲାଃଙ୍କ ଆଶିଷ ଘେନି ପ୍ରସ୍ଥାନ କର । ବସ୍ତୁତଃ ସେ ନିଜ ସେନା ନିକଟକୁ ଚାଲିଆସିଲେ ଓ ସେନାକୁ ପ୍ରସ୍ଥାନ କରିବାର ଆଦେଶ ଦେଲେ । ଠିକ୍ ସେତିକି ବେଳେ ଉସାମାର.ଅଙ୍କୁ ମହାଭାଗଙ୍କ ଶେଷ ମୁହୂର୍ତ୍ତ ଆସିଯିବାର ସୂଚନା ମିଳିଲା । ଅତଃ ସେ ହଜରତ ଅବୁବକର୍ର.ଅ ଓ ହଜରତ ଉମର୍ର.ଅଙ୍କୁ ସାଥିରେ ନେଇ ମଦିନା ଫେରି ଆସିଲେ ସେତେବେଳେ ହୁଜୁରସ.ଅ ମୁର୍ଚ୍ଛିତ ଅବସ୍ଥାରେ ରହିଥିଲେ, ଆଉ କିଛିକ୍ଷଣରେ ହିଁ ନବୀଶ୍ରେଷ୍ଠ ହଜରତ ମୁହମ୍ମଦସ.ଅଙ୍କର ତିରୋଧାନ ହୋଇଗଲା ।

ହଜରତ ଉସାମାର.ଅଙ୍କ ସେନା ହଜରତ ଅବୁବକର୍ର.ଅଙ୍କର ବୈଅତ୍ କରିବା ପରେ ପ୍ରସ୍ଥାନ କଲା । ସେହି ସେନା ବାହିନୀର ସଂଖ୍ୟା ତିନି ହଜାର ଥିଲା, ଯେଉଁଥିରେ ଏକ ହଜାର ଅଶ୍ୱାରୋହୀ ସାମିଲ ଥିଲେ । ଉକ୍ତ ସେନା ବାହିନୀ ବିଜୟୀ ହୋଇ ଫେରିଥିଲା, ଆଉ ଶତ୍ରୁ ପକ୍ଷ ନିହତ ଅବା କଏଦ ହୋଇଥିଲେ । ଏହି ଅଭିଯାନରେ ମୁସଲମାନମାନଙ୍କୁ କୌଣସି କ୍ଷତି ସହ୍ୟ କରିବାକୁ ପଡି ନଥିଲା । ମହାମହିମ ହୁଜୁର ଅନଓ୍ୱରଅ.ବ କହିଲେ; ଏଠାରେ ଯୁଦ୍ଧଗୁଡ଼ିକର ଆଲୋଚନା ଶେଷ ହେଲା । ଆସନ୍ତାରେ ଜୀବନୀର ଆଉ କିଛି ବର୍ଣ୍ଣନା ଓ ଦିଗ ପ୍ରତି ଇନ୍‌ଶାଅଲ୍ଲାଃ ଆଲୋକପାତ କରିବି ।

ପରିଶେଷରେ ପ୍ରିୟ ହୁଜୁର ଅନଓ୍ୱରଅ.ବ ଦୁଇଜଣ ମୃତକ ଶ୍ରୀମାନ ଅଜିଜୁର୍ ରେହ୍‌ମାନ୍ ଖାଲିଦ୍ ସାହେବ ମୁରବୀ ସିଲ୍‌ସିଲା ଓ ଶ୍ରୀମାନ ଐଧି ହମିଦ୍ ସାହେବ ଇଣ୍ଡୋନେସିଆ ନିବାସୀଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା ତଥା ସେମାନଙ୍କ ନମାଜ ଜନାଯାଃ ଗାଏବ୍ ପାଠ କରିବାର ଘୋଷଣା କଲେ । ଆଉ ସେମାନଙ୍କ ପାଇଁ କ୍ଷମାଯାଚନା କରିବା ସହିତ ବୈକୁଣ୍ଠରେ ସେମାନଙ୍କର ସ୍ତର ଉର୍ଦ୍ଧ୍ୱଗାମୀ ହେବା ପାଇଁ ଦୁଆ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

5th December 2025

*Translated to Odia by :* Moulavi Anwar Ahmad Khan